# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**6 October – 2026**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ, ସାବଲମ୍ବୀ ଓ ଉଦ୍ୟୋଗୀ କରିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରତିରକ୍ଷା ମନ୍ତ୍ରୀ; ହାଲ୍ ପରିଦର୍ଶନ ସହ ବିଭିନ୍ନ କାର୍ଯ୍ୟର କରିବେ ସମୀକ୍ଷା
- ରାଜ୍ୟ ସରକାରଙ୍କ ହବିଷ୍ୟାଳୀ ଯୋଜନା ଅଧୀନରେ ଆଜିଠାରୁ ଆରମ୍ଭ ହୋଇଛି ଅନଲାଇନ ଆବେଦନ

ଏବଂ

- ରାଜ୍ୟରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଜାରି ରହିଛି ପ୍ରତ୍ୟାହାର ପ୍ରକ୍ରିୟା

– ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୯ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

Desk

# ଏସ୍‌ଏସ୍‌ଜି ସୁଧ ଫେରସ୍ତ

ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ, ସ୍ୱାବଲମ୍ବୀ ଓ ଉଦ୍ୟୋଗୀ କରିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱରଠାରେ ସ୍ୱୟଂସହାୟକ ଗୋଷ୍ଠୀ– ଏସ୍‌ଏସ୍‌ଜି ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ମିଶନ ଶକ୍ତିର ୧ ଲକ୍ଷ ୭୯ ହଜାରରୁ ଉର୍ଦ୍ଧ୍ୱ ଏସ୍.ଏସ୍.ଜି.ଙ୍କୁ ଏହି ପର୍ଯ୍ୟାୟରେ ୯୯ କୋଟି ୨୬ ଲକ୍ଷ ଟଙ୍କାର ସୁଧ ଅର୍ଥ ପ୍ରଦାନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୩ ଲକ୍ଷ ୮୦ ହଜାର ୭୬୩ଟି ଏସ୍.ଏସ୍.ଜି.ଙ୍କୁ ୭୨୪ ଦଶମିକ ୩/୧ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି। ମହିଳାଙ୍କ ସ୍ୱପ୍ନ, ଉଦ୍ୟମ ଓ ଆତ୍ମନିର୍ଭରତାର ପରିକଳ୍ପନା ପାଇଁ ଏହି ନିବେଶ କରାଯାଉଛି। ଏସ୍.ଏସ୍.ଜି. ମହିଳାମାନେ ଉଦ୍ୟୋଗୀ, ଉତ୍ପାଦକ, ରୋଜଗାର ସୃଷ୍ଟିକର୍ତ୍ତା ଏବଂ ନିଜ ପରିବାର ଓ ସମାଜର ଆର୍ଥିକ ପରିବର୍ତ୍ତନର ନେତୃତ୍ୱ ନେଉଥିବା ଶକ୍ତିଦାତ୍ରୀ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି...

**- V/O -**

ଏସ୍‌ଏସ୍‌ଜି'ମାନଙ୍କୁ ସାମର୍ଥ୍ୟ ଉଦ୍ୟୋଗୀଭାବେ ବିବେଚନା କରିବା ପାଇଁ ବ୍ୟାଙ୍କର୍ସମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ, ବିଭିନ୍ନ ଜିଲ୍ଲାର ଏସ୍‌ଏସ୍‌ଜି ମାନେ ଉପସ୍ଥିତ ଥିଲେ।

Desk

# କେନ୍ଦ୍ରମନ୍ତ୍ରୀ - ଓଡ଼ିଶା ଗସ୍ତ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ଅପରାହ୍ନରେ ଭୁବନେଶ୍ୱରରେ ପହଁଞ୍ଚିବେ। ଏହି ଅବସରରେ କୋରାପୁଟ ଜିଲ୍ଲା ସୁନାବେଢ଼ାସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେ୍ଡ– ହାଲ୍' ମନ୍ତ୍ରୀ ଶ୍ରୀ ସିଂହ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ।

Desk

# ସେବା ଜ୍ୟୋତି ଯାତ୍ରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନରେ ଜନସେବାକୁ ଆସନ୍ତାକାଲି ୨୫ ବର୍ଷ ପୁରୁଛି। ପ୍ରଥମେ ଗୁଜୁରାଟର ମୁଖ୍ୟମନ୍ତ୍ରୀଭାବେ ଏବଂ ପରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ନିରନ୍ତର ଜନସେବା କ୍ଷେତ୍ରରେ ବ୍ରତୀ ରହିଛନ୍ତି। ଏହି ଅବସରରେ ଆସନ୍ତାକାଲି ଦେଶବ୍ୟାପୀ ସେବା ଜ୍ୟୋତି ଯାତ୍ରା ଓ ବିକଶିତ ଭାରତ ସଂକଳ୍ପ ସଭାମାନ ଆୟୋଜନ କରାଯିବ। ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ପୂର୍ବାହ୍ନରେ ଦେଶବାସୀଙ୍କୁ ସମ୍ବୋଧନ କରିବେ। ରାଜଧାନୀ ଭୁବନେଶ୍ୱର ସମେତ ସମସ୍ତ ୩୦ଟି ଯାକ ଜିଲ୍ଲାରେ ପ୍ରଭାରୀ ମନ୍ତ୍ରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧି ଓ ସମାଜର ବିଭିନ୍ନ ବର୍ଗ ଏହି ସମାରୋହରେ

ଯୋଗଦେବେ । ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ସେବା ଜ୍ୟୋତି ଛକ ଚିହ୍ନଟ କରାଯାଇ ପ୍ରତୀକାତ୍ମକ ବିକଶିତ ଭାରତ ସଂକଳ୍ପ ସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

News Pool

## ଟେଲି ମେଡିସିନ୍

ଦେଶବ୍ୟାପୀ ଜାତୀୟ ଟେଲି ମେଡିସିନ୍ ସେବା ଇ-ସଂଜୀବନୀ ୫୦ କୋଟି ଟେଲି ପରାମର୍ଶ ଇତିମଧ୍ୟରେ ସମ୍ପୂର୍ଣ୍ଣ କରିଛି । ନାଗରିକଙ୍କୁ ଡିଜିଟାଲ ମାଧ୍ୟମ ଉପଯୋଗ ଦ୍ୱାରା ସୁଲଭ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରିବାରେ ଏହି ସେବା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଏହା ପ୍ରଭାବିତ ଢଙ୍ଗରେ କାର୍ଯ୍ୟକାରୀ ହେଉଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବାକୁ ପହଁଞ୍ଚାଇବାରେ ଏହି ପଦକ୍ଷେପ ଉପଯୋଗୀ ସାବ୍ୟସ୍ତ ହୋଇଛି । ଡିଜିଟାଲ ସ୍ୱାସ୍ଥ୍ୟ ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶଭାବେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଇ-ସଂଜୀବନୀ ବିଶ୍ୱବ୍ୟାପୀ ସବୁଠାରୁ ବୃହତ ଟେଲି ପରାମର୍ଶଭାବେ ମାନ୍ୟତା ଲାଭ କରିଛି ।

Desk

## ସଚିବସ୍ତରୀୟ ବୈଠକ

ଭୁବନେଶ୍ୱରଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିକଶିତ

ଓଡ଼ିଶା, ବିକଶିତ ଭାରତ ଲକ୍ଷ୍ୟ ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ଉନ୍ନୟନ କମିଶନରଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଏଥିରେ ଯୋଗ ଦେଇଥିଲେ। ଗତମାସର ବିଭାଗୀୟ ଉଲ୍ଲେଖନୀୟ କାର୍ଯ୍ୟ, ରାଜ୍ୟର ରାଜସ୍ୱ ଆଦାୟ ଓ ବ୍ୟୟସ୍ଥିତି ସମୀକ୍ଷା ସହ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ନୟାଗଡ଼ ଜିଲ୍ଲାରେ ୨୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଜିଲ୍ଲାପାଳ ଉପସ୍ଥାପନ କରିଥିଲେ।

Desk

## ହବିଷ୍ୟାଳୀ ଯୋଜନା

ରାଜ୍ୟ ସରକାରଙ୍କ ହବିଷ୍ୟାଳୀ ଯୋଜନା ଅଧୀନରେ ଅନଲାଇନ୍‌ରେ ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ର ପୁରୀରେ ରାଇଦାମୋଦର ବ୍ରତ ପାଇଁ ହବିଷ୍ୟାଳୀମାନେ ଏହି ଆବେଦନ କରିପାରିବେ। ଚଳିତ ବର୍ଷ ବୃନ୍ଦାବତୀ ନିବାସ, ପୌର କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପଲେକ୍ସ ଆଦି ତିନୋଟି ସ୍ଥାନରେ ୨ ହଜାର ୫୦୦ ହବିଷ୍ୟାଳୀଙ୍କ ନିଃଶୁଳ୍କ ରହଣୀ, ସ୍ୱତନ୍ତ୍ର ଶ୍ରୀମନ୍ଦିର ଦର୍ଶନ, ମାଗଣା ମହାପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଇଚ୍ଛୁକ ହବିଷ୍ୟାଳୀ edistrict.odisha.gov.in ପୋର୍ଟାଲ ମାଧ୍ୟମରେ ଆବେଦନ କରିବାକୁ କୁହାଯାଇଛି। ଧାର୍ଯ୍ୟ ଅଢ଼େଇ ହଜାର ଲକ୍ଷ୍ୟପୂରଣ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

Malkangiri

## ସେବା ସଂକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ସେବାସଂକଳ୍ପର ଆଜିର ଧାରାବାହିକରେ ଶୁଣନ୍ତୁ **"ବେଟି ବଚାଓ, ବେଟି ପଢ଼ାଓ"** ସମ୍ପର୍କରେ...

କନ୍ୟା ସନ୍ତାନଙ୍କ ସୁରକ୍ଷା, ଶିକ୍ଷା ଓ ସଶକ୍ତୀକରଣକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ୨୦୧୫ ମସିହା ଜାନୁଆରୀ ମାସ ୨୨ ତାରିଖରେ ହରିୟାଣାର ପାନିପଥରେ 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନର ଶୁଭାରମ୍ଭ କରିଥିଲେ। କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଲିଙ୍ଗଗତ ଭେଦଭାବରେ ପରିବର୍ତ୍ତନ, କନ୍ୟାଭ୍ରୂଣ ହତ୍ୟାକୁ ରୋକିବା, ସୁରକ୍ଷା ସୁନିଶ୍ଚିତ ଓ ଶିକ୍ଷାକୁ ପ୍ରୋତ୍ସାହନ କରିବା ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। କନ୍ୟା ସନ୍ତାନଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବା ପରିପ୍ରେକ୍ଷୀରେ ନୟାଗଡ଼ ସମେତ ଦେଶର ୧୦୦ଟି ଜିଲ୍ଲାରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସଫଳ

କରିବା କ୍ଷେତ୍ରରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଲିସ ବିଭାଗର ମିଳିତ ସହଯୋଗରେ ଯୋଜନା ଚାଲିଥିବାବେଳେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। କମିଟି ପ୍ରତି ତିନି ମାସରେ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରୁଛି। ବର୍ତ୍ତମାନ ଜିଲ୍ଲାରେ ୧ହଜାର ପୁଅଙ୍କ ତୁଳନାରେ ଝିଅଙ୍କ ସମେତ ୮୫୫ ରହିଛି। ତୃଣମୂଳସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଗ୍ରାମଗୁଡ଼ିକରେ ପୋଷ୍ଟର ଲଗାଯିବା ସହ ପ୍ରଚାରପତ୍ର ବଣ୍ଟନ କରାଯାଉଛି। ବିଦ୍ୟାଳୟସ୍ତରରେ ଲିଙ୍ଗଗତ ସମାନତା, କିଶୋରୀ ସ୍ୱାସ୍ଥ୍ୟ, ଆତ୍ମରକ୍ଷା ଓ ଝିଅମାନଙ୍କ ଶିକ୍ଷା ସମ୍ପର୍କରେ ସଚେତତନତା ସୃଷ୍ଟି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏ ସମ୍ପର୍କରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁ ପ୍ରିୟା ସେଠୀକୁ ଆକାଶବାଣୀକୁ କହିଛନ୍ତି...

**- V/O -**

'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ କେବଳ ଏକ ସରକାରୀ ଯୋଜନା ନୁହେଁ ବରଂ ଏହା ଶିଶୁଙ୍କ କନ୍ୟାଙ୍କ ପ୍ରତି ସାମଗ୍ରୀକ ଭାବେ ସାମାଜିକ ସ୍ତରରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଏକ ମହତ ଉଦ୍ଦେଶ୍ୟ। କନ୍ୟା ସନ୍ତାନଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ। ଏଥିପାଇଁ ପରିବାର, ଶିକ୍ଷକ, ସମାଜ ଏବଂ ସମସ୍ତ ନାଗରିକଙ୍କ ସହଭାଗିତା ଆବଶ୍ୟକ।

ନୟାଗଡ଼ରୁ ବିଶ୍ୱନାଥ ପ୍ରତାପ ପଟ୍ଟନାୟକଙ୍କ ରିପୋର୍ଟ ସହ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Desk

## ଇଣ୍ଟରନାଲ ଆସେସମେଣ୍ଟ ପରୀକ୍ଷାଫଳ

ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଇଣ୍ଟରନାଲ ଆସେସମେଣ୍ଟ ପରୀକ୍ଷାଫଳ ଆସନ୍ତା ଗୁରୁବାରଠାରୁ ଅନଲାଇନ୍‌ରେ ଅପଲୋଡ କରାଯିବ। ଏହି ପ୍ରକ୍ରିୟା ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ ହାଇସ୍କୁଲର ମୁଖ୍ୟ ତଥା ନୋଡାଲ ସେଣ୍ଟରଗୁଡ଼ିକୁ ଏ ନେଇ ଅବଗତ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ୍ www.bseodisha.ac.in ରେ ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ପରୀକ୍ଷା ଫଳ ଅପଲୋଡିଂ ପାଇଁ ଲିଙ୍କ ଉପଲବ୍ଧ ରହିବ ବୋଲି ବୋର୍ଡ ପକ୍ଷରୁ ଗତକାଲି ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

Desk

## ସାହାଣୀ କପ୍

ସାହାଣୀ କପ୍ ସିନିୟର ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଆଜି ଖେଳାଯିବ। ଭୁବନେଶ୍ୱର ୟୁନିଟ୍-୧ ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଅପରାହ୍ନ ୫ଟାରେ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍‌ରେ କଟକ ଓ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ପରସ୍ପରକୁ ଭେଟିବେ।

ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ' ସୁନ୍ଦରଗଡ଼କୁ ୨-୦ ଗୋଲ୍‌ରେ ପରାସ୍ତ କରିଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ରାଉରକେଲା ସମ୍ବଲପୁରକୁ ୧-୦ ଗୋଲ୍‌ରେ ପରାସ୍ତ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

Desk

## ପାଣିପାଗ

ରାଜ୍ୟରୁ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାହାର ପ୍ରକ୍ରିୟା ଜାରି ରହିଛି । ହରିୟାଣାରୁ ଉତ୍ତର ବଙ୍ଗୋପସାଗର ପର୍ଯ୍ୟନ୍ତ ଏକ ଟ୍ରଫ ଲାଇନ୍ ରହିଛି । ଏହା ଦକ୍ଷିଣ-ପୂର୍ବ ଉତ୍ତର ପ୍ରଦେଶ ଓ ଆଖପାଖ ଅଞ୍ଚଳରୁ ଉତ୍ତର ବଙ୍ଗୋପସାଗରରେ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି । ଏହାର ପ୍ରଭାବରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷାର ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୯ଟି ଜିଲ୍ଲାକୁ ସତର୍କସୂଚନା ଜାରି କରାଯାଇଛି । ଏଥିସହିତ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ୨୭ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଛି ।